# ଧାନ ବୁଣା ଯନ୍ତ୍ର




ଇଂ ସୁଚିସ୍ମିତା ଦ୍ୱିବେଦୀ
ଡଃ ଅନିଲ୍ କୁମାର ସ୍ୱାଇଁ
ଶ୍ରୀ ଅଂଶୁମାନ୍ ସାମନ୍ତରାୟ

କୃଷି ବିଜ୍ଞାନ କେନ୍ଦ୍ର, ଓ.ୟୁ.ଏ.ଟି, ନୟାଗଡ଼

## ପାରମ୍ପରିକ ପଦ୍ଧତିର ଧାନ ବୁଣା

ଓଡ଼ିଶାରେ ଧାନ ଏକ ପ୍ରମୁଖ ଫସଲ ଭାବେ ପରିଗଣିତ। ଧାନ ସାଧାରଣତଃ ବୁଣା କିମ୍ବା ରୁଆ ପଦ୍ଧତିରେ ହୋଇଥାଏ। ବର୍ତମାନ ପରିସ୍ଥିତିରେ ଜଳବାୟୁର ନିମିୟତା ଯୋଗୁଁ ବୁଣା ଧାନ କୁ ପ୍ରୋତ୍ସାହନ କରାଯାଉଛି। ସାଧାରଣତଃ ଚାଷୀ ଭାଇମାନେ ଧାନକୁ ଛଟା ବୁଣା କରିଥାନ୍ତି ଏବଂ ଧାନ ବୁଣିବାର ୩୫ ରୁ ୪୦ ଦିନପରେ ବେଉଷଣ କରିଥାନ୍ତି । ଏଥି ପାଇଁ ଧାନ ଜମିରେ ହଳ ବୁଲାଇ ଗଛ ସଂଖ୍ୟା କମାଯାଏ ଓ ଘାସ ଦମନ କରାଯାଇଥାଏ ।

## ଛଟା ବୁଣାର ଅପକାରିତା

୧. ବିହନ ସବୁଆଡେ ସମାନ ଭାବରେ ଓ ସଠିକ ଗଭୀରତାରେ ପଡ଼ିନଥାଏ । ଯାହାଦ୍ବାରାକି ବିହନ ସଠିକ ଭାବରେ ଗଜା ହୋଇପାରେ ନାହିଁ ।

୨. ଅଧିକ ବିହନ ଖର୍ଚ୍ଚ ହୋଇଥାଏ ।

୩. ଅଧିକ ଅନାବନାଘାସ ର ସମସ୍ୟା ହୋଇଥାଏ ।

୪. ବିହନ ଗୁଡିକ ମାଟି ଉପରେ ପଡିବା ଯୋଗୁଁ ପକ୍ଷୀମାନଙ୍କ ଦ୍ୱାରା ନଷ୍ଟ ହୋଇଥାଏ ।

୫. ଅଧିକ ରୋଗ ପୋକ ସମସ୍ୟା ରହିଥାଏ ।

## ସିଧାସଳଖ ମଞ୍ଜି ବୁଣା ପଦ୍ଧତି

ତଳି ପ୍ରସ୍ତୁତି ଏବଂ ତଳି ରୁଆ ନକରି ସିଧା ସଳଖ ଭାବରେ ମୁଖ୍ୟ ଜମିରେ ବିହନ ବୁଣିବାର ପଦ୍ଧତିକୁ ସିଧାସଳଖ ମଞ୍ଜି ବୁଣା ପଦ୍ଧତି କୁହାଯାଏ । ଏହି ପଦ୍ଧତିରେ ଗାଲି ଗଜା ହୋଇଥିବା ଧାନ କାଦୁଅ ଜମିରେ କିମ୍ବା ଉପଯୁକ୍ତ ଭାବେ ପ୍ରସ୍ତୁତ ଶୁଖିଲା ଜମିରେ ବୁଣା କାର୍ଯ୍ୟକରାଯାଇଥାଏ ।

| ଶୁଷ୍କ ବୁଣା | ଆର୍ଦ୍ର ବୁଣା |
|---|---|
| ଛଟା ବୁଣା | ଛଟା ବୁଣା |
| ମଞ୍ଜି ବୁଣା ଯନ୍ତ୍ର | ଡ୍ରମ ବୁଣା ଯନ୍ତ୍ର |

## ଟ୍ରାକ୍ଟର ଚାଳିତ ଧାନ ବୁଣାଯନ୍ତ୍ର

- ଏହି ଯନ୍ତ୍ର ସାହାଯ୍ୟରେ କମ ମଞ୍ଜି, କମ ସମୟ ଏବଂ କମ ମୁଲିଆ ଖର୍ଚ ରେ ଅଳ୍ପ ପରିଶ୍ରମ ରେ ୧ ଏକର (୪ ମାଣ) ଜମିରେ ଦେଢ ଘଣ୍ଟା ସମୟରେ ମଞ୍ଜି ବୁଣା କାମ ହୋଇଥାଏ ।
- ଯନ୍ତ୍ରରେ ବୁଣିବା ଦ୍ୱାରା ମଞ୍ଜି ଗୁଡିକ ସଠିକ ଗଭୀରତାରେ ଓ ସମାନ ଭାବରେ ହୋଇଥାଏ ।
- ଏହି ଯନ୍ତ୍ର ସାହାଯ୍ୟରେ ଏକ ସମୟରେ ମଞ୍ଜି ଓ ସାର ବୁଣା କମ ହୋଇଥାଏ।

- ଧାଡ଼ି କୁ ଧାଡ଼ି ଓ ଗଛ କୁ ଗଛ (୨୫ x ୩୦ ସେମି )ସଠିକ ବ୍ୟବଧାନ ବଜାୟ ରହିଥାଏ ।
- ରୋଗ  ପୋକ ସମସ୍ୟା ଖୁବ କମ ହୋଇଥାଏ ।
- ଘାସର ସମସ୍ୟା କମ ଥାଏ ।
- ଅନ୍ତଃ ଚାଷ କମ ସଠିକ ଭାବରେ କରାଯାଇପାରେ ।
- ବେଉଷଣ କରିବାର ଆବଶ୍ୟକତା ନଥାଏ ।
- ଛଟା ବୁଣା ତୁଳନାରେ  ରେ ଅଧିକ ଲାଭ ଓ ଅମଳ ମିଳିଥାଏ ।
- ପରିବେଶ ଅନୁକୂଳ ହୋଇଥାଏ ।

## ଶୁଷ୍କ  ବୁଣା ପଦ୍ଧତି

- ଦୋରସା ମାଟି ରୁ ଆରମ୍ଭ କରି ମଟାଳ ମାଟି ପର୍ଯ୍ୟନ୍ତସବୁ ପ୍ରକାର ଜମି ରେ ବୁଣା ଧାନ ଚାଷ କାର୍ଯ କରାଯାଏ।

## ଜମି ପ୍ରସ୍ତୁତି

**ପ୍ରାରମ୍ଭିକ ଚାଷ –**ମୋଡ ପତ୍ର ଲଙ୍ଗଳ ବ୍ୟବହାର କରି ପ୍ରଥମେ ଜମି କୁ ଭଲ ଭାବରେ ଗଭୀର ଚାଷ(୫ ରୁ ୧୦ ସେମି ) କରାଯାଇଥାଏ । ଏହାପରେ cultivator ଦ୍ବାରା ଆଉ ଥରେ ଚାଷ କରି ସବୁ ଅନାବନା ଘାସ କୁ ସଫା କରାଯାଏ । ରୋଟାଭେଟର  ସାହାଜ୍ୟ ରେ ମାଟିକୁ ଭଲ ଭାବରେ ଗୁଣ୍ଡ କରାଯାଏ। ଏହାପରେ ସମତୁଲ କରିବା ଯନ୍ତ୍ର ଦ୍ବାରା ମାଟି କୁ ସମତୁଲ କରାଯାଏ ।  ଲେଜର ଲେବେଲେର/ ପଟା / ମଇ ଦ୍ବାରା ସମତୁଲ କରାଯାଇଥାଏ । ମଟାଳ କିମ୍ବା ଦୋରସା ମାଟିରେ ବର୍ଷା ପରେ ବିହନ ବୁଣିଲେ ଭଲ ଗଛ ହୋଇଥାଏ।

## ବିହନ ଚୟନ

| ଋତୁ | ଅଞ୍ଚଳ | ବିହନ କିସମ |
|---|---|---|
| ଖରିଫ | ଉପକୂଳ | ସ୍ବର୍ଣ୍ଣ ସବ -୧, ପୂଜା, ପ୍ରତୀକ୍ଷା, ସି ଆର ୧୦୦୯, ୧୦୧୮ |
| | ମାଳ ଭୂମି | ସହଭାଗୀ, ବିନା - ୧୧, ଡ଼ି.ଆର.ଆର-୪୨ |

## ବିହନ ବିଶୋଧନ

ବିହନ ବୁଣିବା ପୂର୍ବରୁ ରୋଗ ପୋକ ଆକ୍ରମଣ ରୁ ସୁରକ୍ଷା ପାଇଁ ଭଲ ଭାବରେ ବିଶୋଧନ କରିବା ଆବଶ୍ୟକ ।

## ବିହନ ବିଶୋଧନ ର ଉପାୟ

- କବକନାଶକ ମିଶା ପାଣି ରେ ବିହନ କୁ ୧୦-୧୨ ଘଣ୍ଟା ଭିଜାନ୍ତୁ। ବିହନ ଭିଯାଇବା ସମୟରେ plantomycin + cupper oxychloride @ ୨ ଗ୍ରାମ ପ୍ରତି ଲିଟର ପାଣିରେ ପ୍ରତି କେଜି ବିହନ ବିଶୋଧନ କରାଯାଇଥାଏ।
- ପ୍ରତି କିଲୋଗ୍ରାମ ବିହନ ପାଇଁ vitavaxପାୱାର @୨.୫ ଗ୍ରାମ ମିଶାଇ ବିହନ ବିଶୋଧନ କଲେ କବକ ପରି କୀଟ ଦମନ କାଯାଇପାରିବ ।
- ବୁଣିବା ସମୟରେ କିଛି ବିଷୟ ପ୍ରତି ଧ୍ୟାନ ଦେବା ଜରୁରୀ

| ବିହନ ର ମାନ | ବିହନ ପରିମାଣ | ବୁଣିବା ଗଭୀରତା | ଧାଡ଼ି କୁ ଧାଡ଼ି ବ୍ୟବଧାନ | ବୁଣିବା ସମୟ |
|---|---|---|---|---|
| ପ୍ରମାଣୀକୃତ ବିହନ | ଏକର ପ୍ରତି ୧୨- ୧୬ କେଜି | ୨-୩ ସେମି | ୨୦-୨୫ ସେମି | ମେ ୧୫ ରୁ ଜୁନ ୧୫ |

## ଖାଦ୍ୟସାର ପରିଚାଳନା

ସାଧାରଣତଃ ହେକ୍ଟର ପ୍ରତି ୮୦ ରୁ ୧୦୦ କେଜି ଯବକ୍ଷାରଜାନ , ୪୦ କେଜି ଫସଫରସ ଓ ୪୦ ରୁ ୬୦ କେଜି ପଟାସ ସାର ପ୍ରୟୋଗ କରାଯାଏ।

**ମଞ୍ଜି ବୁଣା ଯନ୍ତ୍ର ସାହାଯ୍ୟ ରେ ମୂଳ ସାର ଭାବରେ ଡ଼ିଏପି ପ୍ରୟୋଗ କରାଯାଏ।**

| ସାର | ସାର ପରିମାଣ (କେଜି/ଏକର ) | | | |
|---|---|---|---|---|
| | ବୁଣିଲାବେଳେ | ବୁଣିବାର ୧୫ – ୨୫ ଦିନ ପରେ | ପିଲ ସମୟରେ | ଥୋଡ ସମୟରେ |
| ଡ଼ିଏପି | ୩୫ | | | |
| ୟୁରିଆ | - | | ୩୦-୩୫ | ୩୦-୩୫ |
| ଏମ ଓ ପି | ୧୫-୨୦ | | | ୧୫-୨୦ |
| ଜିଙ୍କ ସଲଫେଟ | ୧୦ | | | |

## ଅନାବନା ଘାସ ପରିଚାଳନା

### ୧ . କର୍ଷଣ ପଦ୍ଧତି

**କ. ଶଢା ପଟାଳି :-**ଏହି ପଦ୍ଧତିରେ ଜମି ପ୍ରସ୍ତୁତି ପରେ ଜଳ ସେଚନ କରି ଜମି କୁ କିଛି ଦିନ ପାଇଁ ଛାଡି ଦିଆଯାଏ । ଘାସ ଉଠିବା ପରେ ଏଥିରେ ଘାସ ମରା  ଔଷଧ ପ୍ରୟୋଗ କରି ହଳକରାଯାଇ ଘାସ କୁ ମାରି ଦିଆଯାଏ । ଏହା ପରେ ଧାନ ବୁଣା ଯାଏ ।

### ଖ . ଫସଲ ପଦ୍ଧତି ରେ ପରିବର୍ତ୍ତନ:

ପ୍ରତି ୨-୩ ବର୍ଷ ବ୍ୟବଧାନ ରେ ଶୁଷ୍କ ବୁଣା ଧାନ ବଦଳରେ ରୁଆ ଧାନ (ଯନ୍ତ୍ର / ହାତରେ ) କରିବା ଦ୍ବାରା ବାଲୁଙ୍ଗା ଧାନ ଓ କିଛି ନିର୍ଦ୍ଦିଷ୍ଟ ଘାସ କୁ ନିୟନ୍ତ୍ରଣ କରାଯାଇପାରେ ।

## ୨. ରାସାୟନିକ ପଦ୍ଧତିରେ ନିୟନ୍ତ୍ରଣ
## (କ) ଗଜା ହେବା ପୂର୍ବରୁ ଔଷଧ (ଯେକୌଣସି ଗୋଟିଏ)

| କ୍ରମିକ ନମ୍ବର | ଘାସ ମରା ଔଷଧ | ଏକର ପ୍ରତି ଉତ୍ପାଦନ | କେଉଁ ଘାସ ଦମନ ହେବ |
|---|---|---|---|
| ୧ | **Pretilachlor** ସହିତ ସାଫନର | ୬୦୦ ଗ୍ରାମ | ସରୁପତ୍ର ଓ ଚଉଡ଼ା ପତ୍ର ଘାସ |
| ୨ | **Oxabiargyl** | ୫୦ ଗ୍ରାମ | |

## ପ୍ରୟୋଗ ସମୟ
ବୁଣିବାର ୩-୪ ଦିନ ପରେ ଔଷଧ ପ୍ରୟୋଗ କରାଯାଏ ।

## (ଖ) ଗଜା ହେବା ପରେ ଔଷଧ (ଘାସ ଉପସ୍ଥିତି ଅନୁସାରେ)

| କ୍ରମିକ ନମ୍ବର | ଘାସମରା ଔଷଧ | ଏକର ପ୍ରତି | କେଉଁ ଘାସ ଦମନ ହେବ |
|---|---|---|---|
| ୧ | **Bispyribac Sodium** (ନୋମିନି ଗୋଲ୍ଡ) | ୮୦ ଗ୍ରାମ | ସରୁପତ୍ର ଓ ଚଉଡ଼ା ପତ୍ର ଘାସ |

## ବୁଣିବାର ଯନ୍ତ୍ରପାତି
## ବିହନ ଓ ସାର ବୁଣା ଯନ୍ତ୍ର
ବିହନ ମିଟରିଙ୍ଗ ଉପକରଣ ଓ ସାର ପକାଇବା ଉପକରଣ ସହିତ ସଂଯୁକ୍ତ ଥାଇ ବୁଣା ଯନ୍ତ୍ର ସବୁଆଡେ ସମାନ ଭାବରେ ସାର ଓ ମଞ୍ଜି ବୁଣି ଥାଏ ।

## ପ୍ରମୁଖ ଅଂଶ
**ଫ୍ରେମ** -ଲୁହା ଏଙ୍ଗେଲ ସହିତ ଅନେକ କ୍ଷୁଦ୍ର ଲୁହା ଖଣ୍ଡକୁ ନେଇ ଫ୍ରେମ ଗଠିତ ହୋଇଥାଏ। ବିହନ ଓ ସାର ବୁଣା ଯନ୍ତ୍ର ର ମୁଖ୍ୟ ଅଂଶ ଭାବେ କମ କରିଥାଏ । କ୍ଲାମ୍ପ ଓ ବୋଲ୍ଟ ସାହାଜ୍ୟ ରେ ଟାଇନ ଗୁଡିକ ସଂଯୋଗ ହୋଇଥାଏ।

**ବିହନ ବାକ୍ସ** -ଇସ୍ପାତ ବା ଦସ୍ତା ମିଶ୍ରିତ ଲୁହାରେ ନିର୍ମିତ ବାକ୍ସ ଉପରେ ଏକ ଘୋଡାଣି ରହିଥାଏ ।

**ସାର ବାକ୍ସ** -ଏହା ବିହନ ବାକ୍ସ ଆଗରେ ରହିଥାଏ । ନଅଧାଡିଆ ବିହନ ଓ ସାରା ବୁଣା ଯନ୍ତ୍ର ପାଇଁ ଏହାର ଲମ୍ବ ପ୍ରାୟ ୧୮୦ ସେମି ହୋଇଥାଏ।

**ଡ୍ରାଇଭ ହ୍ୱିଲ** -ଡ୍ରାଇଭ ହ୍ୱିଲ ଫ୍ରେମ ର ସମୁଖ ରେ ମଝି ଭାଗରେ ସଂଯୁକ୍ତ ହୋଇଥାଏ। ଏହାର ଘୂର୍ଣ୍ଣନଦ୍ବାରା ବିହନ ଓ ସାର ର ପ୍ରବାହ ହୋଇଥାଏ।

**ଗଭୀରତା ନିୟନ୍ତ୍ରକ ଚକ** -ମୁଖ୍ୟ ଦଣ୍ଡ ସହ ଦୁଇଟି ପାର୍ଶ୍ୱ ରେ ଚକ ଖଞ୍ଜା ଯାଇଥାଏ। ଉପଯୁକ୍ତ ଗଭୀରତା ର ସାର ଓ ମଞ୍ଜି ପକାଇବା ନିମନ୍ତେ ଗଭୀରତା ନିୟନ୍ତ୍ରକ ସ୍କ୍ରୁ କୁ ଟାଇଟ

କଲେ ସାର ଓ ମଞ୍ଜି ପଡିବାରେ ଗଭୀରତା ବୃଦ୍ଧି ପାଇଥାଏ ଓ ଢିଲା କଲେ ଗଭୀରତା କମ ହୋଇଥାଏ।

## ସିଆର କରିବା ଉପକରଣ

ମାଟି ଅନୁସାରେ ସିଆର କରିବା ଟାଇନ ଅଲଗା ହୋଇଥାଏ । ଅଧିକାଂଶ ସାର ଓ ବିହନ ଯନ୍ତ୍ର ରେ ଓଲଟା ଟି ଟାଇନ ରହିଥାଏ। ଏହା ଦ୍ବାରା ମାଟି ସଠିକ ଭାବେ ଖୋଲା ହୋଇଥାଏ ଓ ବିହନ ଉପଯୁକ୍ତ ଭାବେ ପଡିଥାଏ।

## ବିହନ ଘୋଡେଇବା ଉପକରଣ

ଏହି ଉପକରଣ ବିହନ ଓ ସାର ବୁଣିବାରେ ସିଆରକୁ ବନ୍ଦ କରିଥାଏ । ସାଧାରଣତଃ ବିଭିନ୍ନ ଆକାର ଓ ଆକୃତି ପଟା , ଫ୍ଲାପର, ଚେନ, ଡ୍ରାଗ, ପ୍ୟାକର, ରୋଲର , ସ୍ପ୍ରିଂ ଲଗାଚକ ଦ୍ବାରା ବିହନ ଘୋଡା ଯାଇଥାଏ।

## ବିହନ ମିଟରିଙ୍ଗ ବ୍ୟବସ୍ଥା

**ଆନତ ପ୍ଲେଟ -** ଖୋପଥିବା ଆନତ ପ୍ଲେଟ ସାହାଜ୍ୟ ରେ ବିହନକୁ ଗୋଟି ଗୋଟି କରି ବା ପୁଞ୍ଜି ଜମିରେ ପକାଯାଏ । ଖୋପ ଗୁଡିକର ନିର୍ମାଣ ଶୈଳୀ ଉପରେ ନିର୍ଭର କରି ଏହା କରାଯାଇଥାଏ ।

## ଖୋପଥିବା ରୋଲର

ଖୋପ ଥିବା ରୋଲର ମୁଖ୍ୟ ଦଣ୍ଡ ସହିତ ସଂଯୁକ୍ତ ଥାଏ। ଦଣ୍ଡ ଘୂରିବା ସହିତ ରୋଲର ଘୂରିଥାଏ। ଏହା ଫଳରେ ନିୟନ୍ତ୍ରକ ପାତ୍ର ଦେଇ ବିହନ ବୁଣିବା ପାଇପ କୁ ଯାଇଥାଏ।

## ଘରାଥିବା ରୋଲର

ଏହି ରୋଲର ରେ ଥିବା ଘରା ମାଧ୍ୟମ ରେ ବିହନ ଗୁଡିକ ବୁଣିବା ପାଇପ କୁ ଯାଏ ।

## ବିହନ ବୁଣିବା ଯନ୍ତ୍ରର କ୍ରମାଙ୍କନ

## ପରୀକ୍ଷା ଗାର କ୍ରମାଙ୍କନ

ଚାଳକ ଚକ କୁ ହାତରେ ୧୦ ଥର ଘୂରାଇ ପ୍ରତି ନିଷ୍କାସନ ପାଇପ ରୁ ନିର୍ଗତ ହେଉଥିବା ସାର ଓ ବିହନ କୁ ଅଲଗା ଅଲଗା ସଂଗ୍ରହ କରାଯାଏ। ପ୍ରତି ଟାଇନରେ ଲଗାଯାଇଥିବା ପଲିଥିନ ସାହାଜ୍ୟ ରେ ଏହା ସଂଗ୍ରହ କରାଯାଏ ।

## କ୍ରମାଙ୍କନ ପ୍ରଣାଳୀ

- ଚାଳକ ଚକ ର ପରିଧି କୁ ମାପନ୍ତୁ = ୨ x ୩.୧୪ x ଚକ ର ବ୍ୟାସାର୍ଦ୍ଧ
- ମଞ୍ଜି ବୁଣା ଯନ୍ତ୍ର ର ଓସାର ମାପନ୍ତୁ = ଟାଇନ ସଖ୍ୟା । x ଟାଇନ ମଧ୍ୟରେ ଦୂରତା
- ଚାଳକ ଚକ କୁ ହାତରେ ୧୦ ଥର ଘୂରାନ୍ତୁ
- ପ୍ରତି ପାଇପ ରୁ ସଂଗୃହୀତ ବିହନକୁ ଅଲଗା ଭାବେ ସଂଗ୍ରହ କରି ଓଜନ କରନ୍ତୁ । ଏହାକୁ ଗ୍ରାମରେ ପ୍ରକାଶ କରନ୍ତୁ।

## ହିସାବ

- ନିମ୍ନ ସୂତ୍ର ବ୍ୟବହାର କରି ସାର ଓ ବିହନ ପରିମାଣ ନିର୍ଣ୍ଣୟ କରନ୍ତୁ ।

ବିହନ ବା ସାର ପରିମାଣ (ହେକ୍ଟର/କେଜି) = ୧୦ ଥର ଘୂରିବା ଦ୍ବାରା ମିଳିଥିବା ସାର(ଗ୍ରାମ) / ଚାଳକ ଚକ ର ପରିଧି x ମଞ୍ଜି ବୁଣା ଯନ୍ତ୍ର ର ଓସାର(ମିଟର)

****ଯଦି ଅନୁମୋଦିତ ହାରରେ ସାର ବା ବିହନ ପଡୁ ନଥାଏ, ତେବେ ସେଟିଂ ଦଣ୍ଡ କୁ କମ ବା ବେଶୀ କରି ପୁଣି ଥରେ ଏହି ପଦ୍ଧତିରେ କ୍ରମାଙ୍କନ କରନ୍ତୁ।**

## ଜମିରେ କ୍ରମାଙ୍କନ

- ଜମିରେ ଯନ୍ତ୍ର କୁ ୨୦ ମିଟର ଚଳାନ୍ତୁ । ପ୍ରତି ନିର୍ଗମନ ପାଇପ ରୁ ଆସୁଥିବା ସାର ଓ ବିହନ କୁ ଅଲଗା ଭାବେ ଏଥି ସହ ସଂଯୁକ୍ତ କରି ପଲିଥିନ ରେ ସଂଗ୍ରହ କରନ୍ତୁ।

**କ୍ରମାଙ୍କନ ପ୍ରଣାଳୀ -** ୧ ଏକର = ୪୦୦୦ ବର୍ଗ ମିଟର

- ଦୂରତ୍ୱ = ୨୦ମିଟର

ବିହନ ବା ସାର ପରିମାଣ (ହେକ୍ଟର / କେଜି) = ୪୦୦୦ x ବିହନ ଓଜନ (ଗ୍ରାମ) / ମଞ୍ଜି ବୁଣା ଯନ୍ତ୍ର ର ଓସାର(ମିଟର) x ଦୂରତ୍ୱ (୨୦ମି.) x ୧୦୦୦

## ଯନ୍ତ୍ରର ରକ୍ଷଣା ବେକ୍ଷଣ

- ଯନ୍ତ୍ର କୁ ବ୍ୟବହାର ପରେ ଭଲ ଭାବରେ ସଫା କରନ୍ତୁ ।
- ପ୍ରତ୍ୟେକ ଅଂଶକୁ ଅଇଲିଂ କରନ୍ତୁ
- ଏହାକୁ ଉପଯୁକ୍ତ ସ୍ଥାନ ରେ ସାଇତି ରଖନ୍ତୁ।

## ଯନ୍ତ୍ରପାତି ସାଇତିବା ଓ ସମାଧାନ

- ବୁଣିବା ସମୟ ଶେଷ ହେଲେ ସାଇତି ରଖିବା ପାଇଁ ଯନ୍ତ୍ରର ସମସ୍ତ ଅଂଶ ବିଶେଷ କରି ସାର ଓ ବିହନ ବାକ୍ସ କୁ ଭଲ ଭାବରେ ସଫା କରନ୍ତୁ ।
- ଚେନ ରେ ତୈଳ ପ୍ରୟୋଗ କରନ୍ତୁ ।
- ଯନ୍ତ୍ରକୁ ଶୁଷ୍କ ସ୍ଥାନ ରେ ରଖନ୍ତୁ ।
- ଯନ୍ତ୍ର ର ଅନ୍ୟାନ୍ୟ ଉପକରଣ ଯଥା ରେଞ୍ଚି, ସ୍କ୍ରୁ ଡ୍ରାଇଭର ଇତ୍ୟାଦି କୁ ସଠିକ ଭାବରେ ରଖନ୍ତୁ।

## ଉପସଂହାର

- କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ ତରଫରୁ ଟ୍ରାକ୍ଟର ଚାଳିତ ମଞ୍ଜି ବୁଣା ଯନ୍ତ୍ର ସାହାଯ୍ୟରେ ନୟାଗଡ ଜିଲ୍ଲାର ଖଣ୍ଡପଡା, ରଣପୁର, ନୂଆଗାଓଁ ଇତ୍ୟାଦି ବ୍ଲକ ଗୁଡିକରେ ଧାନ ବୁଣା ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଛି।
- ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ କରିବା ସମୟରେ, ଏହା ଦେଖା ଯାଇଛି ଯେ ବନ୍ୟା ପ୍ରପୀଡିତ ଅଞ୍ଚଳ ଯେମିତିକି ବାଣପୁର ଗ୍ରାମରେ ଏହି ମେଶିନ ଦ୍ୱାରା ବୁଣା ଧାନ ବନ୍ୟା ପାଣିରେ ରେ ୧୫ ଦିନ ପର୍ଯ୍ୟନ୍ତ ବୁଡ଼ି ରହିବା ପରେ ମଧ୍ୟ ଧାନ ଫସଲର କୌଣସି କ୍ଷତି ହୋଇନଥିଲା । ବରଂ ହାତରେ ବୁଣା ଧାନ ନଷ୍ଟ ହୋଇଯାଇଥିଲା ।
- ଯନ୍ତ୍ର ଦ୍ୱାରା ବୁଣିବାରେ ଜଳବାୟୁ ସହନଶୀଳତା ଶକ୍ତି ରହିଛି ।












**ଅଧିକ ତଥ୍ୟ ପାଇଁ ଯୋଗାଯୋଗ କରନ୍ତୁ**




## ଡଃ ଅନିଲ କୁମାର ସ୍ୱାଇଁ

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ମୋ - ୯୪୩୯୦୨୪୦୪୦

## ଇଂ ସୁଚିସ୍ମିତା ଦ୍ୱିବେଦୀ

ବୈଜ୍ଞାନିକ (କୃଷି ଯାନ୍ତ୍ରିକରଣ)

ମୋ - ୮୭୬୩୮୨୧୧୬୧

**କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼**


2025070530